## ସଂକ୍ଷେପରେ

### ରାୟଗଡ଼ା ଅବକାରୀ ଅଧୀକ୍ଷକ ନିଲମ୍ବିତ

ରାୟଗଡ଼ା ଅଫିସ, ୩୧।୮-ରାୟଗଡ଼ା ଅବକାରୀ ଅଧୀକ୍ଷକ ପ୍ରସନ୍ନ କୁମାର ନାୟକଙ୍କୁ ନିଲମ୍ବନ କରାଯାଇଛି। ଅନୁଗୁଳ ଜିଲାର ଉପଆରକ୍ଷୀ ଅଧୀକ୍ଷକ ନିନା ବେଉରାଙ୍କୁ ରାୟଗଡ଼ା ଜିଲାର ଭାରପ୍ରାପ୍ତ ଅବକାରୀ ଅଧୀକ୍ଷକ ଭାବେ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନାନୁଯାୟୀ, ଅବକାରୀ ଅଧୀକ୍ଷକ ପ୍ରସନ୍ନ ନାୟକ ଓ କନଷ୍ଟେବଲ ସୁଶାନ୍ତ କୁମାର ପାତ୍ର କିଛି ଦିନ ପୂର୍ବେ ଗୁଣୁପୁରରେ ଜଣେ ମଦ ଦୋକାନୀଙ୍କୁ ଲାଞ୍ଚ ମାଗିବା ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ କନଷ୍ଟେବଲ ପାତ୍ରଙ୍କ ସମେତ ଅନ୍ୟ ଜଣେ କନଷ୍ଟେବଲଙ୍କୁ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ଅବକାରୀ ଅଧୀକ୍ଷକ ମୋ ସ୍ୱାମୀଙ୍କ ସହ ମିଶି ଲାଞ୍ଚ କାରବାର କରୁଥିଲେ ବୋଲି କନଷ୍ଟେବଲ ପାତ୍ରଙ୍କ ସ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ। ଉକ୍ତ ଅଭିଯୋଗ ଆସିବା ପରେ ଅବକାରୀ ଅଧୀକ୍ଷକଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ହତ୍ୟା ମାମଲାରୁ ୪ ନିର୍ଦ୍ଦୋଷରେ ଖଲାସ

ବୋରିଗୁମ୍ମା,୩୧।୮(ଡି.ଏନ.ଏ.)- ଜୟପୁର ଆଡିସନାଲ ସେସନ ଜଜ୍ ରାଜେଶ ନାୟର ଏକ ହତ୍ୟା ମାମଲାରୁ ୪ଜଣ ଅଭିଯୁକ୍ତଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଗତ ୧।୮ ୨୦୧୨ରେ ଝିଲିମିଲିଆଗୁଡା ଗ୍ରାମର ଅଭିମନ୍ୟୁ ଗାଦବା କୋଟପାଡ଼ ଥାନାରେ ଅଭିଯୋଗ କରିଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ ଯେ, ୨୯।୭।୧୨ ସନ୍ଧ୍ୟା ୬ଟାରେ ତାଙ୍କ ବାପା ଡମ୍ବୁରୁଧର ଗାଦବାଙ୍କୁ ତାଙ୍କ ଗ୍ରାମର ପୀତବାସ ଗାଦବା ଓ ପରମାନନ୍ଦ ଗାଦବା ବଡ଼ନାୟକଗୁଡାକୁ ଡାକି ନେଇଥିଲେ। ମାତ୍ର ବାଟରେ ସଦନ ଗାଦବା ଓ ଧନପତି ଗାଦବାଙ୍କ ସହ ମିଶି ସଦନ ଗାଦବା ଗୋଟିଏ ଶାବଳରେ ତାଙ୍କ ମୁଣ୍ଡକୁ ପିଟି ଫାଟଇ ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ଡମ୍ବୁରୁଧରଙ୍କ ମୃତ୍ୟୁ ଘଟିଥିଲା। ଶାବଳକୁ ସେହି ଜମିରେ ସେମାନେ ପୋତି ଦେଇଥିଲେ। ପରେ ଜରି ବସ୍ତାରେ ପଥର ପୂରାଇ ମୃତଦେହକୁ କେନାଲରେ ଫିଙ୍ଗି ଦେଇଥିଲେ । ପୂର୍ବ ଶତ୍ରୁତାରୁ ତାଙ୍କ ବାପାଙ୍କୁ ଏପରି ହତ୍ୟା କରାଯାଇଥିବା ଅଭିଯୋଗକାରୀ ଅଭିଯୋଗରେ ଉଲ୍ଲେଖ କରିଥିଲେ । କୋଟପାଡ଼ ପୋଲିସ ନଂ. ୮୦/୨୦୧୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଏହି ମାମଲା ଜୟପୁର ଆଡିସନାଲ ସେସନ ଜଜ୍‌ଙ୍କ ଅଦାଲତରେ ସିଟି ନଂ. ୨୪୯/୧୨ରେ ବିଚାରାଧୀନ ଥିଲା। ମଙ୍ଗଳବାର ବିଚାରପତି ସାକ୍ଷ୍ୟ ପ୍ରମାଣ ଅଭାବରୁ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ମାମଲାକୁ ଆଇନଜୀବୀ ଲାଲୁ ଷଡଙ୍ଗୀ ଓ ଆରକେ. ପାତ୍ର ପରିଚାଳନା କରୁଥିଲେ ।

### ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ଦାମନଯୋଡି,୩୧।୮(ଡି.ଏନ.ଏ.)- କୋରାପୁଟ ବ୍ଲକ ପୁଟୁରାଘାଟି ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳିନୀକାନ୍ତ ସେନାପତିଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ କୋରାପୁଟ ଜିଲାର ବିଭିନ୍ନ ଉପାନ୍ତ ଅଞ୍ଚଳରେ ଦୀର୍ଘ ୪୧ ବର୍ଷ ଶିକ୍ଷାଦାନ କରି ପ୍ରଶଂସିତ ହୋଇଛନ୍ତି। ଉପାନ୍ତ ଅଞ୍ଚଳରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଦୂରକରିବାରେ ସେନାପତିଙ୍କ ଅବଦାନ ଅତୁଳନୀୟ ବୋଲି ସହକର୍ମୀମାନେ ପ୍ରକାଶ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବରେ ସେ ରାଜ୍ୟପାଳଙ୍କ ଦାରା ପୁରସ୍କୃତ ହୋଇଛନ୍ତି। ଜଣେ ମିଷ୍ଟଭାଷୀ ଛାତ୍ରବତ୍ସଳ ,ଶିକ୍ଷାବିତ୍ ଏବଂ ଲେଖକ ଭାବରେ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛନ୍ତି। ସିଆରସିସି ଧନିଆଖରା,ନାରାୟଣ ସାହୁ, ବିବେକାନନ୍ଦ ବଳ,ମନୋଜ ବେହେରା, ଲକ୍ଷ୍ମୀପ୍ରିୟା ସେଠୀ, ପ୍ରଦୀପ ବେହେରା କୁମାର ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୨୮ ପରିବାର ରାସ୍ତା ନିର୍ମାଣରେ ସାଜିଛନ୍ତି ପ୍ରତିବନ୍ଧକ

- ୩ ବର୍ଷ ହେବ ହୋଇପାରୁନି ନିର୍ମାଣ କାର୍ଯ୍ୟ
- ଆଲୋଚନାକରି ଅଧିକାରୀମାନେ ହୋଇଛନ୍ତି ବିଫଳ
- କ୍ଷତିପୂରଣ ନେବାକୁ ରାଜି ନୁହନ୍ତି ଅଧିବାସୀ

କୋଟପାଡ଼,୩୧।୮(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ଦେଇ ଯାଇଥିବା ଜାତୀୟ ରାଜପଥ-୬୩ର ସୁର୍ଲି ନିକଟସ୍ଥ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଆଜିକୁ ୩ ବର୍ଷ ହେବ ଶେଷ ହେଉନାହିଁ। କୋଟପାଡ଼ଠାରୁ ଏହାର ଦୂରତା ମାତ୍ର ୧୨ କି.ମି.। ୩ବର୍ଷ ତଳେ ବୋରିଗୁମାଠାରୁ ଚାନ୍ଦିଲି ୪୧ କି.ମି. ରାସ୍ତା ନିର୍ମାଣ କରିବାକୁ ୭୭ କୋଟି ଟଙ୍କା ଅନୁମୋଦନ ମିଳିଥିଲା। ରାସ୍ତାର କଲଭର୍ଟଠାରୁ ଆରମ୍ଭକରି ପୋଲ ନିର୍ମାଣ କରିବାକୁ ଏଥିରେ ଅନ୍ତର୍ଭୁକ୍ତ ଥିଲା। ସୁର୍ଲି ନିକଟସ୍ଥ ଇନ୍ଦ୍ରାବତୀ ନଦୀର ଶାଖା ନଦୀ ଅଲୋଟା ଜୋଆରା ଉପରେ ଥିବା ପୋଲ ପୁରୁଣା ଓ ଖରାପ ହୋଇଯାଇଥିବାରୁ ଏଠାରେ ଏକ ନୂତନ ପୋଲ ନିର୍ମାଣ କରାଯାଇଛି। ମାତ୍ର ଉକ୍ତ ପୋଲ ନିକଟରେ ଲହଁଜା ଓ ସୁର୍ଲି ଦୁଇଟି ଗ୍ରାମର ଲୋକେ ବହୁଦିନ ଧରି ବସବାସ କରୁଛନ୍ତି। ରାସ୍ତା ନିର୍ମାଣ ଓ ପୋଲକୁ ରାସ୍ତା ସଂଯୋଗ କରିବାକୁ ଦୁଇ ପାର୍ଶ୍ୱରେ ଥିବା ୨୮ପରିବାରକୁ ସେଠାରୁ ଉଠାଇବାକୁ ଆବଶ୍ୟକ ପଡୁଛି। ତେବେ



ଶୋଚନୀୟ ହୋଇପଡ଼ିଥିବା ସୁର୍ଲି ରାସ୍ତା।

ଏହି ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଦେବାକୁ ସରକାର ଘୋଷଣା କରିଥିଲେ ସୁଦ୍ଧା ଏହି ଦୁଇ ଗ୍ରାମର ଲୋକେ ରାଜି ହେଉନାହାନ୍ତି। ସେମାନଙ୍କ ସହ ବାରମ୍ବାର କୋଟପାଡ଼ ତହସିଲଦାର, ବୋରିଗୁମା ତହସିଲଦାର ଏବଂ ଜାତୀୟ ରାଜପଥ ଅଧିକାରୀ ଆଲୋଚନା କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନହିଁ। ଉକ୍ତ ରାସ୍ତାରେ ଗାତ ହୋଇଯାଇଥିବାରୁ ବର୍ଷା ହେଲେ ରାସ୍ତା କାଦୁଅ ହେଉଛି। ଗାତରେ ଗାଡ଼ିଆ ଭଳି ପାଣି ଜମି ରହୁଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ପ୍ରଶାସନ ଉକ୍ତ ରାସ୍ତା ନିର୍ମାଣ ସହ ପୋଲ ସଂଯୋଗ କାର୍ଯ୍ୟ କରିପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ନବରଙ୍ଗପୁର ଏମ୍‌ପି ଜାତୀୟ ରାଜପଥ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ବିଭାଗୀୟ ଅଧିକାରୀ ତୁରନ୍ତ ରାସ୍ତାର ଖାଲଗୁଡିକରେ ମେଟାଲ ଓ ପଥରଗୁଣ୍ଡ ପକାଇ ମରାମତି କରିଥିଲେ। କିଛିଦିନ ପରେ ପୂର୍ବ ଅବସ୍ଥା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଜାତୀୟ ରାଜପଥର କନିଷ୍ଠଯନ୍ତ୍ରୀ ଚକ୍ରଧର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁ ବ୍ୟକ୍ତିମାନେ କ୍ଷତିପୂରଣ ପାଇବେ ସେମାନଙ୍କୁ ଚିହ୍ନଟ କରାଯାଉଛି। ପ୍ରକୃତ ଯୋଗ୍ୟ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ରାସ୍ତା ଓ ପୋଲ ସଂଯୋଗ କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।

## ବନବାସୀଙ୍କ ଆତିଥେୟତା ମନ କିଣିନେଲା





ପର୍ବତାରୋହଣ କରିଥିବା ଟିମ୍ ।

ମାଲକାନଗିରି,୩୧।୮(ଡି.ଏନ.ଏ.)

ପର୍ବତ ଆରୋହଣ ସହ ପର୍ବତ ଉପରେ ଥିବା ବନବାସୀଙ୍କ ଜୀବନ ଶୈଳୀ ଉପରେ ଆଲୋକପାତ କରିବା ନିମନ୍ତେ ଟିମ୍ ସଙ୍ଗଠନର ସହଯୋଗ ଓ ମିନକେତନ ସମରଥଙ୍କ ନେତୃତ୍ୱରେ ୧୫ ଜଣ ପର୍ବତାରୋହୀ ଜିଲାର ବିଭିନ୍ନ ପର୍ବତ ଆରୋହଣ କରି ଫେରିଛନ୍ତି। ଏହି ଟିମ୍ ମାଲକାନଗିରିର ଜିଲାର ପ୍ରଧାନିଗୁଡାଠାରୁ ପର୍ବତ ଆରୋହଣ ଆରମ୍ଭ କରିଥିଲେ। ଏହି ସମୟରେ ସେମାନେ ଶୁକ୍ରାଗୁଡା, ସିନ୍ଧିବାଟ, ତୁଲିପାଣି ଓ ଲକ୍ଷ୍ମଣପୁର ଗ୍ରାମକୁ ଯାତ୍ରା କରିଥିଲେ। ପର୍ବତ ଯାତ୍ରା ସମୟରେ ଗ୍ରାମବାସୀଙ୍କ ଜୀବନ ଶୈଳୀ, ଚାଷ , ଶିକାର, ଜଙ୍ଗଲଜାତ ଫଳମୂଳ ସଂଗ୍ରହ ଆଦି ବିଷୟରେ ଅନେକ କିଛି ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ। ଏହି ସମୟରେ ଚେରମୂଳି ଚିକିତ୍ସା ସହ ଗୃହ ପାଳିତ ପ୍ରାଣୀଙ୍କ ବିଷୟରେ ମଧ୍ୟ ସେମାନେ ଜ୍ଞାନ ଆହୋରଣ କରିଥିଲେ।

**ପର୍ବତାରୋହଣ କରି ଫେରିଥିବା ଟିମ୍‌ର ଅନୁଭୂତି**

ଏହି ଗ୍ରାମଗୁଡିକରେ ପାନୀୟ ଜଳ, ବିଦ୍ୟୁତ୍, ରାସ୍ତାଘାଟ ସମସ୍ୟା, ପିଲାଙ୍କ ପୁଷ୍ଟିକର ଖାଦ୍ୟ ସମସ୍ୟା ରହିଥିବା ସେମାନେ ପ୍ରକାଶ କରିଛନ୍ତି। ଏଥିସହ ଉକ୍ତ ଗ୍ରାମଗୁଡିକରେ ଶିକ୍ଷା ବ୍ୟବସ୍ଥା ନ ଥିବାରୁ ପିଲାଙ୍କ ପାଖରେ ଶିକ୍ଷାର ଆଲୋକ ପହଞ୍ଚିପାରିନାହିଁ ବୋଲି ଫେରିଥିବା ପର୍ବତାରୋହୀମାନେ ପ୍ରକାଶ କରିଛନ୍ତି। ଗ୍ରାମବାସୀମାନେ ସେମାନଙ୍କୁ ସ୍ୱାଗତ କରିବା ସହ ବନ୍ଧୁତାର ସହ ଚର୍ଚ୍ଚା କରିଥିଲେ,ସେମାନେ ଆତିଥେୟତାରେ ମନ କିଣିନେଇଥିଲେ ବୋଲି କହିଛନ୍ତି। ଟିମ୍‌ରେ ଦିପାରାଣୀ ନାୟକ, ରାଧିକା ମାଝି, ଶାନ୍ତି ମାଡକାମି , ବିନତି ପଡିଆମି, ରମେଶ ମାଡକାମି, ଚନ୍ଦ୍ର ଶେଖର ପାଡାଲ, ରାମକୃଷ୍ଣ ଚୌଧରୀଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

## ଜୀବନ ଅମୂଲ୍ୟ, ନଷ୍ଟ କରନ୍ତୁନି





ମାର୍କାପାଲି ହାଟରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମାଘର ଶାନ୍ତିସେନା ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

**ନିଶା ମୁକ୍ତି ଅଭିଯାନରେ ମହିଳା**

ମାଲକାନଗିରି,୩୧।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ନିଶା ସେବନକୁ କିପରି ରୋକାଯାଇପାରିବ ସେନେଇ ସଚେତନତା ସୃଷ୍ଟି ପାଇଁ ଆଗେଇ ଆସିଛନ୍ତି ମହିଳା ସଙ୍ଗଠନ କର୍ମକର୍ତ୍ତା ଓ ସଦସ୍ୟା। ନିଶାଦ୍ରବ୍ୟ ବିକ୍ରିକୁ ବିରୋଧ କରି ସ୍ୱୟଂ ସହାୟକ ଗୋଷ୍ଠୀ ଓ ମାଘର ଶାନ୍ତିସେନା ପକ୍ଷରୁ ମଙ୍ଗଳବାର ମିଳିତ ଭାବେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମାଲକାନଗିରି ସଦର ବ୍ଲକସ୍ଥିତ ମାର୍କାପାଲି ହାଟରେ ଡାକବାଜି ଯନ୍ତ୍ର ଦ୍ୱାରା ନିଶା ସେବନରୁ ଦୂରେଇ ରହିବା, ଅମୂଲ୍ୟ ଜୀବନ ନଷ୍ଟ ନ କରିବା, ନିଶା ସେବନ ଦ୍ୱାରା ହେଉଥିବା ଶାରୀରିକ, ମାନସିକ ଆର୍ଥିକ କ୍ଷତି ଘଟିବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ହାଟରେ ଖୋଲାଖୋଲି ଭାବେ ହେଉଥିବା ମଦ ବିକ୍ରିକୁ ମହିଳା ଗୋଷ୍ଠୀ ବିରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ମା' ଘର ଶାନ୍ତିସେନାର ସଭାପତି ପ୍ରଶାନ୍ତିଲତା ବିଶୋୟୀ, ସମ୍ପାଦିକା ଦୁଲାଲି ଥଣ୍ଡର, ମାନସୀ ସୀମାଙ୍କ ସହ ମାର୍କାପାଲି ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ସାମିଲ ହୋଇଥିଲେ।

## ସ୍ୱାୟତ୍ତଶାସନ ଦିବସ ସହରର ସାମଗ୍ରିକ ବିକାଶ କରାଯାଉଛି: ଜିଲାପାଳ

କୋରାପୁଟ,୩୧।୮(ସ୍ୱ.ପ୍ର.)

କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ସ୍ୱାୟତ ଶାସନ ଦିବସ ମଙ୍ଗଳବାର କୋଭିଡ କଟକଣା ମଧ୍ୟରେ ପାଳିତ ହୋଇଛି । ଏହି ଅବସରରେ ସକାଳୁ ମ୍ୟୁନିସିପାଲିଟି ପକ୍ଷରୁ ଓଡିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଅବଦାଲ ମହମ୍ମଦ ଅଖତାର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସହରର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଛି। ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି ବୋଲି ଜିଲାପାଳ କହିଥିଲେ। ସହରର ୨ଟି ରାସ୍ତାକୁ ମେଟ୍ରୋ ସଡକରେ ରୂପାନ୍ତରିତ କରିବାର ପ୍ରକ୍ରିୟା ଓ ଖେଳପଡିଆର ଉନ୍ନତି, ବିଭିନ୍ନ ପାର୍କର ଉନ୍ନତିକରଣ କାର୍ଯ୍ୟ ଚାଲିଥିବା ଜିଲାପାଳ କହିଥିଲେ। ସେହିପରି ୧ କୋଟି ଟଙ୍କା ବ୍ୟୟରେ ସହରର ଉପକଣ୍ଠରେ ଥିବା ଶ୍ମଶାନକୁ ମଡେଲ ଶ୍ମଶାନରେ ପରିଣତ କରିବା କାର୍ଯ୍ୟ ଏବଂ ୧ କୋଟି ଟଙ୍କା ବ୍ୟୟରେ ସ୍ମାର୍ଟ ପାର୍କ ପାଇଁ ଯୋଜନା କାର୍ଯ୍ୟକାରୀ ହେଉଥିବା ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମାନ୍ତରାୟ ସୂଚନା ଦେଇଥିଲେ।ଏହି ଅବସରରେ ମ୍ୟୁନିସିପାଲିଟିର ବିଭିନ୍ନ କର୍ମଚାରୀଙ୍କୁ ପୋଷାକ ଓ ଶାଢ଼ୀ ବଣ୍ଟନ କରାଯାଇଥିଲା। ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ସୁଧୀର ଦାଶ, କନିଷ୍ଠଯନ୍ତ୍ରୀ ନର୍ମଦା ସାହୁ ସିମାଞ୍ଚଳ ପଢିହାରୀ , ଦୁର୍ଗା ପ୍ରସାଦ ସାହୁ, ଅଶୋକ ଶାହାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଉପରେ କଦଳୀ ଭିତରେ ଗଞ୍ଜେଇ



ଜୟପୁର, ୩୧।୮ (ନି.ପ୍ର.)- ଗଞ୍ଜେଇ ଚୋରାଚାଲାଣ ପାଇଁ ଚାଲାଣକାରୀମାନେ ଏବେ ଭିନ୍ନଭିନ୍ନ ପନ୍ଥା ଆପଣାଉଛନ୍ତି। କେବେ ପରିବା ବୋଝେଇ ଟ୍ରକରେ ତ କେବେ ତେଲ ଟ୍ୟାଙ୍କର ଭିତରେ। ଆଉ କେବେ ଆଲମାରୀ ଭିତରେ ଗଞ୍ଜେଇ ରଖି ଚୋରାଚାଲାଣ କରୁଛନ୍ତି। ତେବେ କଦଳୀ ଭିତରେ ଗଞ୍ଜେଇ ରଖି ଚାଲାଣ କଲାବେଳେ ଜୟପୁର ସଦର ପୋଲିସ ମଙ୍ଗଳବାର ଏହାକୁ ଧରିଛି। କଦଳୀ ବୋଝେଇ ଟ୍ରକରେ ପଦଳୀ ଭିତରେ ଗଞ୍ଜେଇ ରଖି ଚାଲାଣ କରାଯାଉଥିବା ସୂଚନା ପାଇ ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଏକ ଟିମ୍ ନେଇ ଜୟପୁର ଘାଟି ଉପରେ ଚଢାଉ କରିଥିଲେ। ଏହି ଟ୍ରକ (ୟୁପି ୮୩ ସିଟି-୩୮୯୬) ପହଞ୍ଚିବା ପରେ ପୋଲିସ ତାକୁ ଅଟକାଇ ଥାନାକୁ ଆଣିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ଯାଞ୍ଚ ଚାଲିଛି। ଟ୍ରକରେ କେତେ ଗଞ୍ଜେଇ ଅଛି ଏ ସମ୍ପର୍କରେ ଅଧିକ ସୂଚନା ତଦନ୍ତ ପରେ ସମସ୍ତ ଘଟଣା ଅବଗତ କରାଯିବ ବୋଲି ଥାନା ଅଧିକାରୀ ମହାକୁଡ କହିଛନ୍ତି।

## ନୂତନ ପଞ୍ଚାୟତ ନିର୍ମାଣ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି,୩୧।୮(ଡି.ଏନ.ଏ.)

ମାଲାକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ନାକାମାମୁଡି ପଞ୍ଚାୟତକୁ ଦୁଇ ଭାଗ କରି ମୁଦୁଲିଗୁଡା ଗ୍ରାମକୁ ଏକ ନୂତନ ପଞ୍ଚାୟତ କରିବା ପାଇଁ ନାକାମାମୁଡି ପଞ୍ଚାୟତର ପ୍ରାୟ ୧୫ଟି ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ନାକାମାମୁଡି ପଞ୍ଚାୟତକୁ କୌଣସି କାମରେ ଆସିବାକୁ ହେଲେ ଗ୍ରାମବାସୀଙ୍କୁ ୫୦ କିମିରୁ ଅଧିକ ରାସ୍ତା ଦେଇ ଆସିବାକୁ ପଡୁଛି। ଏଥିପାଇଁ ବାଲିମେଳା ଜଳଭଣ୍ଡାରରେ ନୌକା ଯୋଗେ ପାର ହେବାକୁ ହୁଏ । ବାର୍ଦ୍ଧକ୍ୟ ଭତ୍ତା, ପିଡ଼ିଏସ ସାମଗ୍ରୀ କିମ୍ବା ଅନ୍ୟାନ୍ୟ କାର୍ଯ୍ୟରେ ଏହି ପଞ୍ଚାୟତକୁ ଆସୁଥିବା ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି। ବିଶେଷ କରି ଅଙ୍ଗୁରଗୁଡା, ଆମିଲିଗୁଡା, ସାନଅମଳିବେଡା, ଟିକରପଡା,ସିମିଳିଗୁଡା, ଖଜୁରିଗୁଡା ସମତେ ୧୫ଟି ଗ୍ରାମ ଲୋକେ ଏହି ଅସୁବିଧା ଭୋଗୁଛନ୍ତି। ସେମାନେ ୨୦୦୪ରୁ ନୂତନ ପଞ୍ଚାୟତ ଗଠନ କରିବାକୁ ଦାବି କରି ଆସୁଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ଆନ୍ଧ୍ର ସୀମାନ୍ତ ଗ୍ରାମରେ ଭାଜପାର ଜନଶୁଣାଣି କାର୍ଯ୍ୟକ୍ରମ

ପଟ୍ଟାଙ୍ଗୀ,୩୧।୮(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ତଲଗୋଲୁର ପଞ୍ଚାୟତ ତଥା ଆନ୍ଧ୍ର ସୀମାନ୍ତ ତୁମ୍ବିଗୁଡେ ଗ୍ରାମରେ ଭାଜପା ପକ୍ଷରୁ ମୌଳିକ ସମସ୍ୟା ନେଇ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଣ୍ଡଳ ସଭାପତି ବଳରାମ ଚପାଡ଼ିଙ୍କ ତତ୍ତ୍ୱାବଧାନରେ ସୋମବାର ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗୀ, ଜିଲା ଭାଜପା ସମ୍ପାଦକ ବଳରାମ ବାଗିଙ୍କ ଅତିଥିଭାବେ ଯୋଗଦେଇ ତୁମ୍ବିଗୁଡେ ଗ୍ରାମରେ ଏକାଠି ହୋଇଥିବା ୧୨ ଖଣ୍ଡ ଗ୍ରାମବାସୀଙ୍କ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମଗୁଡିକରେ ପାନୀୟ ଜଳ ବ୍ୟବସ୍ଥା ନ ଥିବା, ବିଦ୍ୟାଳୟକୁ ନିୟମିତ ଶିକ୍ଷୟିତ୍ରୀ ଶିକ୍ଷକ ଆସୁ ନ ଥିବା, ଅଙ୍ଗନୱାଡି ଗ୍ରାମରେ ରହୁ ନ ଥିବା, ଉଜ୍ଜ୍ୱଳା ଗ୍ୟାସ୍ ସୁବିଧାରୁ ବଞ୍ଚିତ ହେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଗୃହ ଯୋଜନାରେ ଗୃହ ନ ମିଳିବା , ବାର୍ଦ୍ଧକ୍ୟଭତ୍ତା, ଚାଷଜମିକୁ ଜଳ ଓ ଗ୍ରାମକୁ ସିସି ରାସ୍ତା ନେଇ ରହିଥିବା ସମସ୍ୟା ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ପାଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସବୁ ସମସ୍ୟା ବିଡିଓଙ୍କ ସହ ଆଲୋଚନାକରି ଯେପରି ସମାଧାନ ହୋଇପାରିବ ସେଥିପ୍ରତି ଆମେ ଗୁରୁତ୍ୱ ଦେବୁ ବୋଲି ବ୍ଲକ ଅଧ୍ୟକ୍ଷ ପାଙ୍ଗୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଲେଗଡା ସରପଞ୍ଚ ତ୍ରିନାଥ କୋଟା, ମଣ୍ଡଳ ସାଧାରଣ ସମ୍ପାଦକ ନାଗେଶ ତାମାଲ, ଯୁବ ସଭାପତି ଜିତେନ୍ଦ୍ର ବେହେରା, ମଣ୍ଡଳ ଉପସଭାପତି ସନୁ ଦଳପତି, ମଣ୍ଡଳ ସମ୍ପାଦକ ଜିଟି ସିନାରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲେ ଚାଷୀ

ଜୟପୁର, ୩୧।୮ (ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ କଙ୍ଗା ପଞ୍ଚାୟତର ଚାଷୀ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି । ୟୁରିଆ ସାର ମିଳୁ ନ ଥିବାରୁ ଏହାର ପ୍ରତିବାଦରେ ଚାଷୀମାନେ କାର୍ଯ୍ୟାଳୟ ଘେରାଉଧାରଣାରେ ବସିଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କେଲକ୍ଟର ରାଜେନ୍ଦ୍ର ଖରାଙ୍କୁ ଦାବିପତ୍ର ଦେଇଥିଲେ । ଡିଲର ଚାଷୀଙ୍କୁ ସାର ଦେଉ ନ ଥିବା ବେଳେ ୟୁରିଆ ସାର କଳାବଜାରରେ ଚଢା ଦରରେ ବିକ୍ରି ହୋଉଛି । ଏଣିକି ସାର ଡିଲରକୁ ନ ଦେଇ ପଞ୍ଚାୟତକୁ ଦେବାକୁ ଚାଷୀ ଦାବି କରିଛନ୍ତି। ପ୍ରଶାସନ ୨ ଦିନ ଭିତରେ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେବାରୁ ଚାଷୀମାନେ ଧାରଣାରୁ ଓହରି ଯାଇଥିଲେ। ତେବେ ପ୍ରଶାସନ ଦାବି ପୂରଣ ନକଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚାଷୀ ଏହି ଅବସରରେ ଚେତାବନୀ ଦେଇଛନ୍ତି ।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଚାଷୀ।

# କୋରାପୁଟ ଜିଲା କଂଗ୍ରେସ ରାଜନୀତିରେ କଳି ତୁଟୁନି

ଭୁବନେଶ୍ୱର, ୩୧।୮(ବ୍ୟୁରୋ):

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପ୍ରଭାରୀ ଏ. ଚେଲ୍ଲାକୁମାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବା ସହ ସଙ୍ଗଠନ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଚେଲ୍ଲାକୁମାର ପର୍ଯ୍ୟାୟକ୍ରମେ ଦଳର ବିଭିନ୍ନ ନେତାଙ୍କୁ ପୃଥକ୍ ପୃଥକ୍ ଭାବେ ଭେଟି ଦଳର ସମସ୍ୟା ଏବଂ ସଙ୍ଗଠନକୁ କିପରି ମଜଭୁତ କରିହେବ ସେନେଇ ଆଲୋଚନା କରିଛନ୍ତି। ସୋମବାର ରାତିରେ ଏକାଧିକ ନେତାଙ୍କୁ ପ୍ରଭାରୀ ଭେଟି ପ୍ରଥମେ ଆଲୋଚନା କରିଥିବା ବେଳେ ମଙ୍ଗଳବାର ବିଭିନ୍ନ ଜିଲାର ସଭାପତି, ପୂର୍ବତନ ବିଧାୟକ, ବିଧାୟକ ପ୍ରାର୍ଥୀ ଏବଂ ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିଛନ୍ତି। ଏହା ଭିତରେ କିନ୍ତୁ କୋରାପୁଟ ଜିଲା ରାଜନୀତିକୁ ନେଇ କଂଗ୍ରେସରେ ଚର୍ଚ୍ଚା ଜୋର୍ ଧରିଛି। ଗୋଟିଏ ପଟେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ତାଙ୍କ ବିରୋଧରେ ଜିଲାର ଅନେକ ନେତା ବର୍ତ୍ତମାନ ଅଭିଯୋଗ ଆଣିବା ଆରମ୍ଭ କରିଦେଇଛନ୍ତି। ତାରା କୋରାପୁଟ ଜିଲାର କିଙ୍ଗ୍ ହେବାକୁ ଚାହୁଁଛନ୍ତି ବୋଲି ପୂର୍ବତନ ବିଧାୟକ କୈଳାସ କୁଲେସିକା ଅଭିଯୋଗ କରିଛନ୍ତି। ପୂର୍ବରୁ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଖବରଦାତା ସମ୍ମିଳନୀ କରିବା ଅବସରରେ ସିଧାସଳଖ ତାରାଙ୍କୁ ଟାର୍ଗେଟ କରିଥିଲେ।

**ଅଭିଯୋଗ ଆଣିଲେ କୁଲେସିକା, ଛିଗୁଲେଇଲେ ତାରା**

ତେବେ କୁଲେସିକା ମଙ୍ଗଳବାର କଂଗ୍ରେସ ଭବନଠାରେ ଚେଲ୍ଲାକୁମାରଙ୍କୁ ଭେଟିବା ପରେ ଗଣମାଧ୍ୟମକୁ କହିଛନ୍ତି, ତାରା ସବୁବେଳେ ଦଳିତ ଓ ଆଦିବାସୀ ନେତାଙ୍କୁ ବିରୋଧ କରୁଛନ୍ତି। ଯେଉଁମାନେ କଂଗ୍ରେସରେ ରହି ବିଜେଡିରେ କାମ କରିଛନ୍ତି ସେମାନଙ୍କ ସହ କୋରାପୁଟ ଜିଲା ସଭାପତି ଏବଂ ତାରାଙ୍କ ହାତ ରହିଛି। ଏନେଇ କଂଗ୍ରେସ ହାଇକମାଣ୍ଡଙ୍କୁ ଜାଣାଇଥିଲି। ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ପରବର୍ତ୍ତୀ ସମୟରେ ତାଙ୍କୁ ବୁଝାଇଦିଆଗଲା। ଏହାସହ ଦଳରେ ରହି କାମ କରିବାକୁ କୁହାଗଲା ବୋଲି ସେ କହିଛନ୍ତି। ପିସିସି ସଭାପତିଙ୍କ ବିରୋଧରେ ତାରାଙ୍କ ମନ୍ତବ୍ୟ ନେଇ କୁଲେସିକା କହିଛନ୍ତି, ଗଣମାଧ୍ୟମରୁ ସଭାପତିଙ୍କୁ ଭୁଲ୍ ମାଗିଥିବା ବିଷୟରେ ଜାଣିଲି। ଯଦି ଜଣେ ଭୁଲ୍ କରି କ୍ଷମା ମାଗିଦେବେ ଏବଂ ତାଙ୍କୁ କ୍ଷମା କରିଦିଆଯିବ, ତେବେ ଯିଏ ହେଲେ ସମାନ ନୀତି ଆପଣାଇବ। ତାଙ୍କ ବିରୋଧରେ ନିହାତି କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ୨୦୦୯ ମସିହାରୁ ଜିଲା ସଭାପତି ଭାବେ ତାରାଙ୍କ ସ୍ତ୍ରୀ ଦାୟିତ୍ୱରେ ଅଛନ୍ତି। ଜିଲା ସଭାପତି କେବେହେଲେ ତାଙ୍କ ନିର୍ବାଚନମଣ୍ଡଳୀକୁ ପ୍ରଚାର କରିବାକୁ ଯାଆନ୍ତି ନାହିଁ। କେବଳ ସେ କୋରାପୁଟ ଚେୟାରରେ ବସନ୍ତି ଏବଂ ଜୟପୁରରେ କାମ କରନ୍ତି। ସେ କେବେହେଲେ ତାଙ୍କୁ ସହଯୋଗ କରିନାହାନ୍ତି ଆଗକୁ ମଧ୍ୟ କରିବେ ନାହିଁ ବୋଲି ଜାଣିଛନ୍ତି। କୋରାପୁଟ ଜିଲାରେ କଂଗ୍ରେସ ସଙ୍ଗଠନରେ ଯେଉଁ ସମସ୍ୟା ଥିଲା ଜିଲା ସଭାପତି ଚାହିଁଥିଲେ ୨୦୧୯ରେ ତାହା ସମାଧାନ କରିପାରିଥାଆନ୍ତେ। ଏବେ ଯଦି ତାରା ମିଳିମିଶି କାମ କରିବା କଥା କହୁଛନ୍ତି ଏହା ସ୍ୱାଗତଯୋଗ୍ୟ। ହେଲେ ବିଶ୍ୱାସ ଆଉ ନାହିଁ, ପ୍ରଥମେ ଜିଲା ସଭାପତିଙ୍କୁ ହଟାଯାଉ। ନଚେତ୍ ଦଳ ଭାଗ ଭାଗ ହୋଇଯିବ। ଏହାର ପ୍ରଭାବ ପଞ୍ଚାୟତ ନିର୍ବାଚନ ଉପରେ ପଡ଼ିବ ବୋଲି ସେ କହିଛନ୍ତି।

ଅନ୍ୟପଟେ କୁଲେସିକା ଗଣମାଧ୍ୟମ ଆଗରେ ଏଭଳି ବୟାନ ରଖିବା ପରେ ତାରା ଛିଗୁଲେଇ କହିଛନ୍ତି, ଏତେବଡ଼ ନେତାଙ୍କ ବୟାନ ଉପରେ କୌଣସି ପ୍ରତିକ୍ରିୟା ଦେବା ଠିକ୍ ନୁହେଁ। ଅନ୍ୟପଟେ ଦଳର ସଙ୍ଗଠନ ନେଇ ଅନ୍ୟ ବରିଷ୍ଠ ନେତା ଏବଂ ବିଧାୟକମାନଙ୍କ ସହ ମଧ୍ୟ ଚେଲ୍ଲାକୁମାର ଆଲୋଚନା କରିଛନ୍ତି।

